# Akashvani, Sambalpur

## SAMBALPURI NEWS BULLETIN

### 29 March 2024- 6.47- 6.52 am.

*********************************************

ମନରେଗା ମଜୁରୀ ବୃଦ୍ଧି ଆର୍‌ଏନ୍‌ୟୁ / ସମ୍ବଲପୁର

ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା- ମନରେଗା ମଜୁରୀ ବଢ଼ିଛେ ବଲି ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ଜାରି ହେଇଛେ । ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ଧାରିଜ୍ ହେଇଥିବା ନୂଆଁ ମଜ୍‌ରୀ ଅନ୍‌ସାରେ ରାଏଜେ ମନରେଗାର ଦିନ୍‌କର୍ ମଜୁରୀ ୨ ଶହ ୫୪ ଟଙ୍କାକେ ବଢ଼ିଛେ । ଇ ମଜୁରୀ ଆଏବା ୧ ତାରିଖ୍‌ନୁ ଲାଗୁ ହେବା । ୨୦୨୩-୨୪ ଥି ଇଟା ୨ ଶହ ୩୫ ଟଙ୍କା ଥିଲା ।

ତେଜସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ତିଆରି ହେଇଥିବା ହାଲ୍‌କା ଯୁଦ୍ଧ ବିମାନ୍ - ତେଜସ୍‌ର ଉନ୍ନତ ସଂସ୍କରଣ୍ 'ମାର୍କ ୱାନ୍ - ଏ' ର

ଗଲାକାଏଲ୍ ସଫଲ୍ ଉଡ଼ାନ୍ ହେଇଛେ । ବେଙ୍ଗାଲୁରୁ ନ ଥିବା ହିନ୍ଦୁସ୍ଥାନ୍ ଏରୋନେଟିକ୍ସ ଲିମିଟେଡ୍ ସେଂଟର୍ ନ ଇ ସିରିଜ୍ର ପହେଲା ବିମାନ୍ ୧୫ ମିନିଟ୍ ଉଡ଼ାନ୍ କରାଯାଇଥିଲା । ତେଜସ୍ର ପୁରୁଣା ସଂସ୍କରଣ୍ ମାର୍କ -ଏ ଆଘୋନୁ ବାୟୁସେନାଥି ସାମିଲ୍ ହେଇସାରିଛେ । ହେଲେ ନୂଆଁ ସଂସ୍କରଣ୍ଥେ ଆକ୍ଟିଭ୍ ଇଲେକ୍ଟ୍ରୋନିକାଲି ଷ୍ଟାଣ୍ଡ ଏରୋ ରାଡ଼ାର୍, ଉନ୍ନତ୍ ଭିଭିଆର୍, ମିଜାଇଲ୍ ଆର୍ ଆକ୍ରମଣ୍ନୁ ନିଜ୍କେ ରକ୍ଷା କର୍ବାର୍ କ୍ଷମତା ରହିଛେ ।

ସକାଳୁଆ କୋର୍ଟ	ଆର୍ଏନ୍ୟୁ / ସମ୍ବଲପୁର

ଖରାକେ ନଜର୍ଥି ରଖିକରି ରାଜ୍ୟର୍ ଜିଲ୍ଲା ଆଉ ତଲିଆ କୋର୍ଟ ମାନ୍କେ ଆଏବା ମାସ ୮ ତାରିଖିନୁ ସକାଳୁଆ କାମ୍ ହେବା । ସଖାଲର୍ ୭ବଜେନୁ ଦିନର୍ ୧ ବଜେତକ୍ କୋର୍ଟ କାମ୍ ଚାଲ୍ବା । ଇ ଭିତ୍ରେ ଦିନର୍ ୧୦ ବଜେନୁ ସାଢ଼େ ୧୦ ତକ୍ ଅଧାଘଂଟା ଛୁଟି ରହେବା । ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର୍ ଇ ବାବ୍ଦେ ସବୁ ଜିଲ୍ଲାର୍ କୋର୍ଟ ମାନ୍କୁ ଚିଠି ଲେଖିଛନ୍ । ହେଲେ ବ୍ରହ୍ମପୁର୍, ଛତ୍ରପୁର୍, ଭୁବ୍ନେଶ୍ୱର୍, କୋରାପୁଟ୍ ସଦର୍ ଆର୍ ପୁରୀ ସଦରର କୋର୍ଟ ମାନ୍କେ ସଖାଳୁଆ କୋର୍ଟ ନାଇଁ ହୁଏ ।

ଖରାଛୁଟିର ଶେଷ୍ କାର୍ଯ୍ୟଦିବସ୍ତକ୍ ଇଟା ଜାରି ରହେବା ବଲି ହାଇକୋର୍ଟ ତରଫୁ କୁହାଯାଇଛେ ।

ଗୁଡ୍ ଫ୍ରାଇଡ଼େ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଗୁଡ୍ ଫ୍ରାଇଡ଼େ । ପ୍ରଭୁ ଯୀଶୁଙ୍କର୍ କ୍ରୁଶବିଦ୍ଧ ଦିନ୍‌କେ ସୋର୍ କରିକରି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଭାଇବହେନ୍‌ମାନେ ଆଏଜ୍ ଶୁଭ ଶୁକ୍ରବାର୍ ପାଲୁଛନ୍ । ଶୁଭ ଶୁକ୍ରବାର୍ ପୁରାତନ ଯୁଗନୁ ଧାର୍ମିକ ଆର୍ ପବିତ୍ର ବାର୍ତା ବଲି କୁହାଯାଇଛେ ।
ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଗୁଟେ ବାର୍ତାଥି ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କର୍ ବଲିଦାନ୍‌ର ସ୍ମାରକୀ ବହନ୍ କର୍‌ସି ଆଉ ମାନବ ଜାତିକେ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଆଉ କ୍ଷମାର ବାର୍ତା ପ୍ରଦାନ୍ କର୍‌ସି ବଲି କହିଛନ୍ । ସେ କହିଛନ୍ ଯେ, ଇ ଦିନ ପ୍ରଭୁ ଯୀଶୁଙ୍କର୍ କ୍ରୁଶବିଦ୍ଧ ହେବାର୍ ପବିତ୍ର ସ୍ମାରକୀ ଦିବସ୍ । ଯାହାଙ୍କର୍ ଜୀବନ୍ ମାନବ୍ ସମାଜ୍‌କେ ଦୁଃଖନୁ ମୁକ୍ତି ଦେବାର୍‌କେ ସମର୍ପିତ୍ ଥିଲା ।

ଜେଇଇ ମେନ୍- ୨୦୨୪ ଆର୍ଏନ୍ୟୁ / ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେଇଇ ମେନ୍- ୨୦୨୪ ସେସନ୍ - ଟୁ ଆଏବା ମାସର୍ ୪ ତାରିଖ୍‌ନୁ ମୁଲ୍ ହେବା । ଇଥିର୍‌ଲାଗି ୱେବ୍‌ସାଇଟ୍‌ଥି ଆବେଦନ୍‌କାରୀମାନ୍‌କର୍ ଆଡ୍‌ମିଟ୍ କାର୍ଡ୍ ସହେତେ ପରୀକ୍ଷା କେନ୍ଦ୍ରର୍ ତାଲିକା ମିଳୁଛେ । ଦେଶର୍ ୩ ଶହ ୧୯ ଟା ସହର୍ ଆର୍ ଦେଶ୍ ବାହାରର୍ ୨୨ ଟା ସହର୍ ନ ପରୀକ୍ଷା କରାଯାଉଛେ ।

ସମ୍ମେଟିଭ୍ ଆସେସ୍‌ମେଂଟ୍ - ୨ ପରୀକ୍ଷାଫଳ

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୧ ନୁ ୯ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କର ସମ୍ମେଟିଭ୍ ଆସେସ୍‌ମେଂଟ୍ - ୨ ପରୀକ୍ଷାଫଲ୍ ଆଏବା ମାସର୍ ୨ ତାରିଖ୍ ବାହାର୍‌ବା । ଇ ବାବ୍‌ଦେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ - ଡିଇଓ ମାନ୍‌କୁ ଚିଠି ଲେଖାଯାଇଛେ । ଅଭିଭାବକ୍‌ମାନ୍‌କୁ ପରୀକ୍ଷାଫଲ୍ ବାବ୍‌ଦେ ଜନାବାର୍ ଲାଗି ଇ ଦିନ ସ୍କୁଲ୍‌ମାନ୍‌କେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇ କାର୍ଯ୍ୟକ୍ରମ୍‌ଥି ଅଭିଭାବକ୍ ଯେନ୍ତା ଯୋଗ୍ ଦେବେ ସେ ବାବ୍‌ଦେ ପ୍ରଧାନ୍ ଶିକ୍ଷକ୍‌ମାନେ ସମସ୍ତଙ୍କୁ ଜନାବେ । ଇତାର୍‌ସହେତେ ଆଏବା ୨

ତାରିକ୍‌ନୁ ନୂଆ ଶିକ୍ଷା ବଛର୍ ମୁଲ୍ ହେବା । ଇଥିର୍‌ଲାଗି ପ୍ରସ୍ତୁତ୍ ହେବାର୍‌କେ ଓସେପା ତର୍‌ଫୁ ଜିଲ୍ଲା ଶିକ୍ଷାଧିକାରୀମାନ୍‌କୁ କୁହାଯାଇଛେ ।

ଆଇଟିଆଇ- ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଇଟିଆଇ ଥି ଆଏବା ମାସର୍ ୧ ତାରିଖ୍‌ନୁ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ଇ ବାବ୍‌ଦେ ବୈଷୟିକ ଶିକ୍ଷା ତାଲିମ୍ ନିର୍ଦ୍ଦେଶାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ରାଜ୍ୟର୍ ସବୁ ସର୍‌କାରୀ, ବେସର୍‌କାରୀ ଆଇଟିଆଇଥି ୨୦୨୪ -୨୫ ବଛ୍‌ରେ ନାଁଲେଖା ଲାଗି କେନ୍ଦ୍ରୀୟ ଅନ୍‌ଲାଇନ୍ ପଦ୍ଧତିଥି ନାଁ ଲେଖାଯିବା । ପ୍ରାର୍ଥୀମାନେ ଏପ୍ରିଲ୍ ୧ ନୁ www.samsodisha.gov.in ଥି ନାଁଲେଖା ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ ।

ରବି ଧାନ୍ ଘିନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ମେ ମାସର୍ ୧ ତାରିଖ୍‌ନୁ ରବି ଧାନ୍ ଘିନା ମୁଲ୍ ହେବା । ଇଥିର୍‌ଲାଗି ସମବାୟ ବିଭାଗ୍ ତର୍‌ଫୁ ୧୭ ଟା

ଡିଆର୍‌ସିଏସ୍ ଆର୍ ଏଆର୍‌ସିଏସ୍‌ଙ୍କୁ ତିୟାର୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜୁନ୍ ୩୦ ତାରିଖ୍‌ତକ୍ ଡାଲୁଆ ଧାନ୍ ଘିନା ଚାଲ୍‌ବା ଆର୍ ଏପ୍ରିଲ୍ ମାସର୍ ୩୦ ତାରିଖ୍‌ତକ୍ ମିଲ୍‌ମାଲିକ୍‌ମାନେ ଚାଉଲ୍ ଦେବେ । ଯେନ୍ ଜିଲ୍ଲା ନ ଆବଶ୍ୟକ୍ ସଂଖ୍ୟାର ମିଲର୍ ନାଇଁନ, ସେ ଜାଗା ନ ମିଲର୍‌ମାନେ ଅଲ୍‌ଗା ଜିଲ୍ଲାନୁ ଧାନ୍ ଘିନ୍‌ବେ । ହେଲେ ଝନେ ମିଲର୍ ଗୁଟେ ନୁ ଅଏତ୍‌କା ଜିଲ୍ଲାନୁ ଧାନ୍ ଘିନି ନାଇଁପାରନ୍ ବଲି କୁହାଯାଇଛେ ।

ନିର୍ବାଚନ୍ ପ୍ରସ୍ତୁତି ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଉତରାଂଚଲ୍ ରାଜସ୍ୱ କମିଶନର୍ ଶ୍ରୀକାନ୍ତ ପୃଷ୍ଟି ସୁବର୍ଣ୍ଣପୁର୍ ଜିଲ୍ଲା ଯାଇକରି ଆଏବା ସାଧାରଣ ନିର୍ବାଚନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଚାଲିଥିବା ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ନିର୍ବାଚନ୍‌ର ଗୁରୁଦାୟିତ୍ୱ ତୁଲାବାର୍‌କେ ସେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ନିର୍ବାଚନ୍ ଆଚରଣ ବିଧି କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ସହେତେ ବୁଥ୍ ମାନ୍‌କେ ପିଇବାର୍ ପାଏନ୍, ପରିମଲ ବ୍ୟବସ୍ଥା ଆର୍ ଶୌଚାଳୟ ସୁବିଧା ସହେତେ ବିଜ୍‌ଲି ଆଲୋକ୍ ବ୍ୟବସ୍ଥା କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ସେ ପରାମର୍ଶ ଦେଇଥିଲେ ।

ମିଡ଼ିଆ ସାର୍ଟିଫିକେସନ୍ ଆର୍ ମନିଟରିଂ କମିଟି

ଆର୍‌ଏନ୍‌ୟୁ / ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ନ ନିର୍ବାଚନ୍ ବାବଦ୍ ବିଜ୍ଞାପନ୍ ମାନ୍‌କେ ପ୍ରମାଣିକୃତ କର୍‌ବାର୍ ସହେତେ ପେଡ୍ ନ୍ୟୁଜ୍ ମାନ୍‌କୁ ତଦାରଖ୍ କର୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ମିଡ଼ିଆ ସାର୍ଟିଫିକେସନ୍ ଆର୍ ମନିଟରିଂ କମିଟି - ଏମ୍.ସି.ଏମ୍.ସି ଗଠନ୍ କରାଯାଇଛେ । ନିର୍ବାଚନ୍‌ଥି ଲଢୁଥିବା ପ୍ରାର୍ଥୀ, ପଞ୍ଜିକୃତ ରାଜନୈତିକ ଦଲ୍, ଗୋଷ୍ଠୀ, ସଂଗଠନ୍ ନିଜର୍ ନିର୍ବାଚନ୍ ପ୍ରଚାର୍ ତଥ୍ୟ, ବିଜ୍ଞାପନ୍‌ର ଲେଖା ଅଡ଼ିଓ ଭିଜୁଆଲ୍ କ୍ଲିପିଂ ପ୍ରସାରଣ୍ ଆଘୋନୁ କମିଟିର୍ ମଞ୍ଜୁରୀ ଲାଗି ଆବେଦନ୍ କରିପାର୍‌ବେ ।